ଆନ୍ଧ୍ର ପ୍ରଦେଶ ରାଜ୍ୟ

ବନାମ

କୋରାପତି ସୁବ୍ରମଣ୍ୟମ୍ ଏବଂ ଅନ୍ୟମାନେ

ଜାନୁଆରୀ 13,1995

[କେ. ରାମସ୍ୱାମୀ ଏବଂ ଏସ୍. ସି. ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଏ. ପି. ଜଙ୍ଗଲ ଅଧିନିୟମ,1967-ଧାରା 20, 29-ଏ. ପି. ଚନ୍ଦନ କାଠ ଏବଂ ଲାଲ ଚନ୍ଦନ କାଠ ପରିବହନ ନିୟମାବଳୀ, 1969-ନିୟମ 2 (3) ଏବଂ 3-" ଜଙ୍ଗଲଜାତ ଦ୍ରବ୍ୟ ପରିବହନ"-ର ଅର୍ଥ।*

**1978 ମସିହା ଫେବୃଆରୀ 14 ଏବଂ 15 ତାରିଖର ମଧ୍ୟବର୍ତ୍ତୀ ରାତିରେ ଜଙ୍ଗଲ ବିଭାଗର ଅଧିକାରୀମାନେ ଏକ ମାଲବୁହା ଗାଡିରେ ଭିତରେ ଭର୍ତ୍ତି ହୋଇଥିବା 28ଟି ଲାଲ ଚନ୍ଦନ କାଠ ଏବଂ ମାଲବୁହା ଗାଡିରେ ଭର୍ତ୍ତି କରିବା ପାଇଁ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା 118ଟି କାଠ ଜବତ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଉତ୍ତରଦାତାମାନଙ୍କୁ ଆନ୍ଧ୍ର ପ୍ରଦେଶ ଜଙ୍ଗଲ ଅଧିନିୟମର ଧାରା 29 ସହିତ ଧାରା 20 , ଯାହା ଆନ୍ଧ୍ର ପ୍ରଦେଶ ଚନ୍ଦନ କାଠ ଏବଂ ଲାଲ -ଚନ୍ଦନ କାଠ ପରିବହନ ନିୟମ , 1969 ର ନିୟମ 3 ଅନୁଯାୟୀ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ । ଉତ୍ତରଦାତାମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଅତିରିକ୍ତ ଦୌରା ବିଚାରପତି ଦୋଷୀ ସାବ୍ୟସ୍ତକରଣ ଏବଂ ଜବତିକୁ ନିଶ୍ଚିତ କରିଥିଲେ । ଉଚ୍ଚ ନ୍ୟାୟାଳୟର ଜଣେ ଏକକ ବିଚାରପତି ଏକ ପୂର୍ବ ମାମଲା** *ଚେନ୍ନୁପତି ୱାଜିର ବନାମ ଏ. ପି. ରାଜ୍ୟ,* **(1980) 2 ଏ. ଏଲ୍. ଟି. 391 ରାୟ ଉପରେ ନିର୍ଭର କରି କହିଥିଲେ ଯେ ଏ. ପି. ଚନ୍ଦନ କାଠ ଏବଂ ଲାଲ ଚନ୍ଦନ କାଠ ପରିବହନ ନିୟମ , 1969 ନିୟମ 3 ଉପରେ ଲାଗୁ ହୋଇପାରିଲା ନାହିଁ କାରଣ ଜଙ୍ଗଲଜାତ ଦ୍ରବ୍ୟ ପ୍ରେରଣ ପାଇଁ ପ୍ରସ୍ତୁତ ଥିଲା ଏବଂ ପ୍ରେରଣ ହେଉନଥିଲା । ତଦନୁସାରେ ଏହି ଆବେଦନ ।**

**ପରବର୍ତ୍ତୀ ସମୟରେ, ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ,** *ଏ. ପି. ସରକାର ବନାମ. ସି. ସତ୍ୟନାରାୟଣ ରାଜୁ,* **[1993] 1 ଏ. ଏଲ୍. ଟି. 147 ମାମଲାରେ, ଭିଜିର ମାମଲାର ପ୍ରଯୁଜ୍ୟତାକୁ ସ୍ପଷ୍ଟ ଭାବେ ଖାରଜ କରି ରାୟ ଦେଇଥିଲେ ଯେ ଲାଲ-ଚନ୍ଦନ କାଠଗୁଡ଼ିକୁ ବୋଝେଇ ଦ୍ୱାରା ପ୍ରେରଣ କରିବାକୁ ଚେଷ୍ଟା କରିବା ଜଙ୍ଗଲ ଜାତ ଦ୍ରବ୍ୟ ପରିବହନର ଅପରାଧ ସହ ବିବେଚିତ ହେବ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଲେ :1.1.ଯଦି ଜଙ୍ଗଲ ଜାତ ଦ୍ରବ୍ୟର ପରିବହନ ବିନା ଅନୁମତି ଦ୍ୱାରା ହୁଏ ତେବେ ଯାହାକୁ "ଜଙ୍ଗଲ ଜାତ ଦ୍ରବ୍ୟର ପ୍ରେରଣ/ବିବେଚନା କରାଯିବ" କୁହାଯିବ ଯାହା ଏ. ପି. ଜଙ୍ଗଲ ଅଧିନିୟମ 1967 ଅନୁଯାୟୀ ଏକ ଅପରାଧ ।18 ଟି ଲାଲ -ଚନ୍ଦନ କାଠର ବୋଝେଇ ଏବଂ ରାସ୍ତା ପାର୍ଶ୍ୱରେ 118 ଟି ଲାଲ -ଚନ୍ଦନ କାଠ ମାଲବୁହା ଗାଡିରେ ବୋଝେଇ ପାଇଁ ଗଚ୍ଛିତ କରାଯିବ ଅର୍ଥାତ ଏହା 'ଜଙ୍ଗଲ ଜାତ ଦ୍ରବ୍ୟର ପ୍ରେରଣ ବିବେଚିତ ଅଟେ ଯାହା ଏ. ପି. ଚନ୍ଦନ କାଠ ଏବଂ ଲାଲ -ଚନ୍ଦନ କାଠ ପରିବହନ ନିଯମାବଳୀର ଅଧୀନରେ ଆସେ ।**

**1.2. ମାଲବୁହା ଗାଡି ମାଲିକ କିମ୍ବା ବୋଝେଇ ସମୟରେ ଦଖଲରେ ଥିବା ବ୍ୟକ୍ତିଙ୍କୁ ଲାଲ ଚନ୍ଦନ କାଠ ପରିବହନ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଅନୁମତି ଜାରି କରାଯାଇ ନଥିଲା । ଏହାଦ୍ବାରା ଏ. ପି. ଜଙ୍ଗଲ ଅଧିନିୟମ,1967 ର ଧାରା 20 ଏବଂ 29 ସହିତ ନିୟମ 3 ଅନୁଯାୟୀ ଅପରାଧ ନିମ୍ନ ଅଦାଲତ ଦ୍ୱାରା ସଠିକ୍ ଭାବରେ ଦେଖାଯାଇଥିଲା । ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିବା ଉତ୍ତରଦାତାଙ୍କ ଦଣ୍ଡବିଧାନ ଏବଂ ଦଣ୍ଡାଦେଶକୁ କାଏମ ରଖାଗଲା। ମାଲବୁହା ଗାଡି ବାଜ୍ୟାପ୍ତିକୁ ମଧ୍ୟ କାଏମ ରଖାଯାଇଛି ।**

ଫୌଜଦାରୀ ଆବେଦନ ଅଧିକରିତା :1995ର ଫୌଜଦାରୀ ଆବେଦନ ସଂଖ୍ୟା 71 ।

1984 ର ଫୌଜଦାରୀ ଆର. ସି. ସଂଖ୍ୟା 456ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 13.8.86 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜି. ପ୍ରଭାକର ।:

ଉତ୍ତରଦାତାମାନଙ୍କ ପାଇଁ ଭି. ଜି. ପ୍ରଗସମ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଶ୍ରୀ ଭି. ଜି. ଉତ୍ତରଦାତାମାନଙ୍କର ଭିଜ୍ଞ ଓକିଲ ପ୍ରଗାସମ କହନ୍ତି ଯେ, ଗତଥର ସେ ଉତ୍ତରଦାତା ସଂଖ୍ୟା 1 ଏବଂ 6ଙ୍କ ପାଇଁ ଓକିଲାତିନାମା ଦାଖଲ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ସେମାନଙ୍କ ସହ ଯୋଗାଯୋଗ କରି ଓକିଲାତିନାମା ଦାଖଲ ପାଇଁ ନିର୍ଦ୍ଦେଶ ପାଇପାରିନଥିଲେ । ତେଣୁ, ଆମେ ଧରିନେଇଛୁ ଯେ ଉତ୍ତରଦାତା ସଂଖ୍ୟା 1 ଏବଂ 6 ଏହି ପ୍ରସଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହୀ ନୁହଁନ୍ତି । ସେମାନଙ୍କୁ ଏକପାଖିଆ ଭାବରେ ନିର୍ଦ୍ଧାରଣ କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଫେବୃଆରୀ 14 ଏବଂ 15,1978 ର ମଧ୍ୟବର୍ତ୍ତୀ ରାତିରେ, ଆନ୍ଧ୍ରପ୍ରଦେଶ ରାଜ୍ୟର କୁଡ୍ଡାପା ଜିଲ୍ଲାର ମାରିମାନୁ ନିକଟରେ ସାନିପାୟା ଠାରୁ ଏକ ମାଇଲ୍ ଦୂରରେ ଏକ ତିନି ଛକିଆ ରାସ୍ତାରେ 28,000 ଲାଲ୍ ଚନ୍ଦନ-କାଠ, ଏପିଡି 3156 ନାମକ ଏକ ମାଲବୁହା ଗାଡି ଭର୍ତ୍ତି କରାଯାଉଥିଲା । ନଜର ରଖୁଥିବା ବନ ବିଭାଗର ଅଧିକାରୀମାନେ ଯେଉଁମାନେ ସେହି ସ୍ଥାନକୁ ଯାଇ ପଞ୍ଚନାମା -ଇ ଏକ୍ସ. ପି 8 ଅଧୀନରେ ମାଲବୁହା ଗାଡି ଭିତରେ ଭର୍ତ୍ତି ହୋଇଥିବା 28ଟି ଚନ୍ଦନ କାଠକୁ ଜବତ କରିଥିଲେ । ସେମାନେ ମାଲବୁହା ଗାଡି ଭିତରେ ଭର୍ତ୍ତି କରିବା ପାଇଁ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା 118ଟି କାଠ ମଧ୍ୟ ଜବତ କରିଥିଲେ । ଘଟଣା ସ୍ଥଳରେ ଗିରଫ ହୋଇଥିବା 2 ରୁ 7 ଜଣ ଅଭିଯୁକ୍ତଙ୍କ ବିବୃତ୍ତି ଇ ଏକ୍ସ. ପି1 ରୁ ପି 7 ଅଧୀନରେ ନଥିଭୁକ୍ତ କରାଯାଇଥିଲା । ମାଲବୁହା ଗାଡିର ଯାତ୍ରା ପୃଷ୍ଠା ଇ ଏକ୍ସ. ପି-19 ମଧ୍ୟ ଜବତ

କରାଯାଇଥିଲା । ଏହା ପରେ, ଏ. ପି. ଜଙ୍ଗଲ ଅଧିନିୟମ,1967 ର ଧାରା 29 ସହିତ ଧାରା 20 ଅନୁଯାୟୀ (ସଂକ୍ଷେପରେ, 'ଆଇନ') ଏ. ପି. ଚନ୍ଦନ-କାଠ ଏବଂ ଲାଲ - ଚନ୍ଦନ କାଠ ପରିବହନ ନିୟମ, 1969ର ନିୟମ 3 (ସଂକ୍ଷେପରେ, 'ଆଇନ') ଅନୁଯାୟୀ ଅପରାଧ ପାଇଁ ସେମାନଙ୍କୁ ଆରୋପିତ କରାଯାଇଥିଲା । ତଥ୍ୟର ତର୍ଜମା ପରେ ବିଚାର କରୁଥିବା ନ୍ୟାୟାଳୟ ଉତ୍ତରଦାତାମାନଙ୍କୁ ଦୋଷୀ ପାଇଥିଲେ ଏବଂ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ସେମାନଙ୍କୁ ତିନି ମାସ ପାଇଁ କାରାଦଣ୍ଡ ଦେଇଥିଲେ ଏବଂ ପ୍ରତ୍ୟେକଙ୍କୁ 100 ଟଙ୍କାର ଜରିମାନା କରିଥିଲେ ,ଏଥିରେ ବ୍ୟତିକ୍ରମ ହେଲେ ଆହୁରି ଏକ ସପ୍ତାହ ପାଇଁ ସରଳ କାରାବାସ ଭୋଗିବାକୁ ପଡିବ । ଉଭୟ ଦଣ୍ଡାଦେଶ ଏକାସାଙ୍ଗରେ ଚାଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯଦି ଏହା ଅଧିନିୟମର ଧାରା 44 ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ମାଲବୁହା ଗାଡି ଏମ୍. ଓ.-1 କୁ ମଧ୍ୟ ଜବତ କରାଯାଇ ନ ଥାଏ ତେବେ ଏହା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆବେଦନ ଉପରେ, ବିଦ୍ୱାନ ଅତିରିକ୍ତ ଦୌରା ବିଚାରପତି, ଅକ୍ଟୋବର 1,1985 ରେ ତାଙ୍କ ରାୟ ଦ୍ୱାରା ଦୋଷୀ ସାବ୍ୟସ୍ତ ଏବଂ ବାଜ୍ୟାପ୍ତିକୁ ନିଶ୍ଚିତ କରିଥିଲେ । ଅପରାଧିକ ପୁନଃରୀକ୍ଷଣ ମାମଲା ସଂଖ୍ୟା 465/84 ରେ ଯେତେବେଳେ ମାମଲାଟି ଏକକ ବିଚାରପତିଙ୍କ ସମ୍ମୁଖରେ ଆସିଥିଲା, 13.8.86 ତାରିଖରେ ବିଦ୍ୱାନ ବିଚାରପତି, ଚେନ୍ନୁପତି ୱାଜିର ବନାମ ଏ. ପି. ରାଜ୍ୟ, (1980) 2 ଏ ଏଲ ଟି 391 ମାମଲାରେ ରିପୋର୍ଟ ହୋଇଥିବା ଅନ୍ୟ ଏକକ ବିଚାରପତିଙ୍କ ନିର୍ଣ୍ଣୟ ଅନୁସରଣ କରି ରାୟ ଦେଇଥିଲେ ଯେ ନିୟମ 3 ଏହି ମାମଲାରେ ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ; ଏହା କେବଳ ପରିବହନ ପାଇଁ ଏକ ପ୍ରସ୍ତୁତି ତେଣୁ, ନିୟମ କୌଣସି ଅପରାଧ ସୃଷ୍ଟି କରେ ନାହିଁ । ତଦନୁସାରେ, ସେ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବାତିଲ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ପରବର୍ତ୍ତୀ ସମୟରେ, ଯେତେବେଳେ ଏ. ପି. ସରକାର ବନାମ. ସି. ସତ୍ୟନାରାୟଣ ରାଜୁ, [1993] 1 ଏ. ଏଲ୍. ଟି. 147 ମାମଲାଟି ଦୁଇ ଜଣିଆ ଖଣ୍ଡପୀଠକୁ

ପଠାଯାଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ ଯେତେବେଳେ ଲାଲ-ଚନ୍ଦନ କାଠଗୁଡ଼ିକୁ ବୋଝେଇ କରି ପରିବହନ କରିବାର ପ୍ରୟାସ କରାଯାଏ, ତେବେ ଏହା ନିୟମାବଳୀର ନିୟମ 2 (3) ସହିତ ନିୟମ 3 ଏବଂ 4 ଅଧୀନରେ ଜଙ୍ଗଲ ଜାତ ଦ୍ରବ୍ୟର ପରିବହନର ଅପରାଧ ବୋଲି ବିବେଚନା କରାଯିବ ଏବଂ ତେଣୁ, ମାଲବୁହା ଗାଡି ବାଜ୍ୟାପ୍ତିକୁ ବୈଧ ବୋଲି ଧରାଯାଇଥିଲା । ଦୁଇଜଣିଆ ଖଣ୍ଡପୀଠ ସ୍ୱଷ୍ଟ ଭାବରେ ୱାଜିରଙ୍କ ମାମଲାର ପ୍ରଯୁଜ୍ୟତାକୁ ଖାରଜ କରିଦେଇଥିଲେ । ଅନ୍ୟଥା ମଧ୍ୟ, ଆମର ମତ ହେଉଛି ଯେ ଏକକ ବିଚାରପତି ତାଙ୍କ ରାୟରେ ଠିକ୍ ନଥିଲେ ଯେଉଁଠାରେ ସେ ଦର୍ଶାଇଥିଲେ ଏହା ପରିବହନ ହେଉ ନଥିଲା ।

ନିୟମାବଳୀର ନିୟମ 2 (3) ରେ କୁହାଯାଇଛି ଯେ :

"ଜଙ୍ଗଲଜାତ ଦ୍ରବ୍ୟର ପରିବହନ "ଯେକୌଣସି ସ୍ଥାନରେ କିମ୍ବା କୌଣସି ସାର୍ବଜନୀନ ରାସ୍ତା କିମ୍ବା ବୋଝେଇ ଗାଡି କିମ୍ବା ସର୍ବସାଧାରଣଙ୍କ ଚଲା ପଥର ପାର୍ଶ୍ୱରେ ଗଚ୍ଛିତ ଥିବା ଜଙ୍ଗଲ ଉତ୍ପାଦ, ତାହା ଗାଡି କିମ୍ବା ଅନ୍ୟ ଯାନରେ ବୋଝେଇ ହେଉ କିମ୍ବା ନ ହେଉ ଏବଂ କୌଣସି ନଦୀ, କେନାଲ କିମ୍ବା ଜଳପଥରେ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟ, ତାହା ଭେଳାରେ ହେଉ କିମ୍ବା ନ ହେଉ " ଆଦିକୁ ଅନ୍ତର୍ଭୁକ୍ତ କରେ ।

ଏହି ସଂଜ୍ଞାରେ ସ୍ୱଷ୍ଟ ଭାବେ କୁହାଯାଇଛି ଯେ କୌଣସି ସ୍ଥାନରେ କିମ୍ବା କୌଣସି ସାର୍ବଜନୀନ ରାସ୍ତାକଡ଼ରେ କିମ୍ବା ବୋଝେଇ ଗାଡି କିମ୍ବା ସର୍ବସାଧାରଣ ଚଲାପଥର ସୀମାରେ ଗଚ୍ଛିତ ଥିବା ଜଙ୍ଗଲ ଉତ୍ପାଦ, ତାହା ବୋଝେଇ ଗାଡି କିମ୍ବା ଅନ୍ୟ ମାଲବୁହା ଗାଡ଼ିରେ ବୋଝେଇ ହେଉ କିମ୍ବା ନ ହେଉ, ଏହାକୁ ଜଙ୍ଗଲଜାତ ଦ୍ରବ୍ୟ ପରିବହନ କୁହାଯିବ । ଜଙ୍ଗଲ ଅଧିନିୟମ ପ୍ରସ୍ତୁତି କିମ୍ବା ସମାପ୍ତି କୌଣସି ପ୍ରାସଙ୍ଗିକତା ବହନ କରେ ନାହିଁ । ନିୟମ 3 ରେ ଥିବା ନିଷେଧ, ଅର୍ଥାତ୍, କୌଣସି ଜଙ୍ଗଲଜାତ ଦ୍ରବ୍ୟକୁ ସ୍ଥଳ କିମ୍ବା ଜଳପଥ ଦେଇ ରାଜ୍ୟ ଭିତରକୁ କିମ୍ବା ରାଜ୍ୟରୁ କିମ୍ବା ରାଜ୍ୟ ମଧ୍ୟରେ ସ୍ଥାନାନ୍ତର କରାଯିବ ନାହିଁ, ଯଦି ଏପରି ଉତ୍ପାଦ ସହିତ ଅନୁମତି ପତ୍ର ନ ଥାଏ ତେଣୁ ନିୟମ 5

ଜାରି କରାଯାଇ ତୁରନ୍ତ ଦାବି ଅନୁଯାୟୀ ଉପସ୍ଥାପିତ ଯାଞ୍ଚ ପାଇଁ ଉପସ୍ଥାପିତ କରାଯାଏ । ଏହା ଆଇନର ଧାରା 20 ସହିତ ଧାରା 29 ଅନୁଯାୟୀ ଏକ ଉଲ୍ଲଂଘନ, ଯାହା ଏକ ଜଙ୍ଗଲ ଅପରାଧ । ତେଣୁ, ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେବାରେ ଠିକ୍ ନଥିଲେ ଯେ ଏହା ପରିବହନ ପାଇଁ ନଥିଲା ତେଣୁ, ଅଧିନିୟମର ଧାରା 20 ଏବଂ 29 ସହିତ ନିୟମ 3 ଅନୁଯାୟୀ ଅପରାଧଗୁଡିକ ଅଣାଯାଇ ପାରି ନାହିଁ।

ତଦନୁସାରେ, ଆମେ ନିର୍ଣ୍ଣୟ କରୁଛୁ ଯେ ମାଲବୁହା ଗାଡି ଭିତରେ ମାଲ ବୋଝେଇ କରିବା ପାଇଁ 18 ଟି ଲାଲ୍ ଚନ୍ଦନ କାଠ ଏବଂ ରାସ୍ତା ସୀମାରେ 118 ଟି ଲାଲ ଚନ୍ଦନ କାଠର ସଂରକ୍ଷଣ, କିନ୍ତୁ ଲାଲ୍ ଚନ୍ଦନ କାଠ ବୋଝେଇ ଗାଡ଼ିକୁ ଅଟକାଇବା, ନିୟମାବଳୀର ନିୟମ 3 (2) ର ଯାହା ଜଙ୍ଗଲ ଜାତ ଦ୍ରବ୍ୟର ପରିବହନର ଅର୍ଥକୁ ସୁଚାଏ । ସ୍ୱୀକାରଯୋଗ୍ୟ, ମାଲବୁହା ଗାଡି ମାଲିକଙ୍କଠାରୁ ଜବତ ହୋଇଥିବା ଲାଲ ଚନ୍ଦନ କାଠର ପରିବହନ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଅନୁମତି ଜାରି କରାଯାଇ ନଥିଲା ଏବଂ ବୋଝେଇ ସମୟରେ ବ୍ୟକ୍ତିମାନେ ଦଖଲରେ ଥିଲେ । ଏହା ଦ୍ୱାରା ଅଧିନିୟମର ଧାରା 20 ଏବଂ 29 ସହିତ ନିୟମ 3 ଅନୁଯାୟୀ ଅପରାଧ ନିମ୍ନ ଅଦାଲତ ଦ୍ୱାରା ସଠିକ୍ ଭାବରେ ଦେଖାଯାଇଥିଲା । ତଦନୁସାରେ, ସର୍ବନିମ୍ନ ଦଣ୍ଡାଦେଶ ଦିଆଯାଇଛି । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଏକକ ବିଚାରପତିଙ୍କ ଦ୍ୱାରା ଦୋଷ ମୁକ୍ତି କରାଯିବା ନିଷ୍ପତ୍ତିକୁ ବାତିଲ କରି ଦିଆଗଲା ଏବଂ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିବା ବିଚାର କରୁଥିବା ନ୍ୟାୟାଳୟର ନଥିଭୁକ୍ତ କରାଯାଇଥିବା ଦୋଷୀ ସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶକୁ କାଏମ ରଖାଯାଏ । ଅଧିନିୟମ 44 ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ କୌଣସି ଆଦେଶ ଦ୍ୱାରା ଯଦି ପୂର୍ବରୁ ମାଲବୁହା ଗାଡ଼ିକୁ ବାଜ୍ୟାପ୍ତି କରାଯାଇ ନାହିଁ, ତେବେ ଏହାର ବାଜ୍ୟାପ୍ତିକୁ ମଧ୍ୟ ବଜାୟ ରଖାଯାଇଛି ।

ଏ. ଜି. ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।